OFFICE OF THE COLLECTOR & DISTRICT MAGISTRATE ★ BHADRAK ★ 10 JAN 2011

RR No. 7 11.1.11

# ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା
## (କ୍ରୀଡ଼ା ଓ ଯୁବ ସେବା ନିର୍ଦ୍ଦେଶାଳୟ)
## ନୟାପଲ୍ଲୀ, ଭୁବନେଶ୍ୱର - ୧୨

ନଂ: 06(30) ତା 04-1-2011

ପ୍ରାପ୍ତେଷୁ,

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା ଯୁବ କଲ୍ୟାଣ ପରିଷଦ
ଭଦ୍ରକ

ବିଷୟ : ୨୦୦୯-୧୦ ବର୍ଷ ପାଇଁ ରାଜ୍ୟ ଯୁବ ପୁରସ୍କାର ପ୍ରଦାନ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଉପରୋକ୍ତ ବିଷୟରେ ଏହା ସୂଚାଇ ଦିଆଯାଉଛି ଯେ ୨୦୦୯-୧୦ ବର୍ଷ ପାଇଁ ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଯୁବଗୋଷ୍ଠି/ଅନୁଷ୍ଠାନମାନଙ୍କୁ ରାଜ୍ୟ ଯୁବ ପୁରସ୍କାର ବରେଣ୍ୟ ଜନନାୟକ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କର ପୁଣ୍ୟ ଶ୍ରାଦ୍ଧ ବାର୍ଷିକରେ ଆସନ୍ତା ୨୦୧୧ ମସିହା ଏପ୍ରିଲ୍ ୧୭ ତାରିଖ ଦିନ ପ୍ରଦାନ କରାଯିବ । ପ୍ରଣୀତ ନିୟମାନୁସାରେ ନିମ୍ନଲିଖିତ ୯ଟି ପୁରସ୍କାର ବିଭିନ୍ନ ବିଭାଗରେ ପ୍ରଦତ୍ତ ହେବ ।

| | | |
|---|---|---|
| ୧. | ସମାଜସେବା ଓ ଜାତୀୟ ପ୍ରଗତି ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦୁଇଜଣ ଯୁବ ସମାଜସେବୀ ଓ ଗୋଟିଏ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ | ମୋଟ ୩ |
| ୨. | କବିତା, ଉପନ୍ୟାସ / ସୃଜନାତ୍ମକ ପ୍ରବନ୍ଧ | ମୋଟ ୨ |
| ୩. | ଚିତ୍ରକଳା ଓ ରେଖାଚିତ୍ର | ମୋଟ ୨ |
| ୪. | ଓଡ଼ିଶୀ ନୃତ୍ୟ, ସଂଗୀତ/ଗୀତ | ମୋଟ ୨ |
| | | ମୋଟ ୯ |

ରାଜ୍ୟ ଯୁବ ପୁରସ୍କାର ପ୍ରଦାନ ପାଇଁ ପ୍ରଣିତ ଆଇନ ଅନୁସାରେ ପ୍ରତ୍ୟେକ ଜିଲ୍ଲାର ମନୋନୟନ କମିଟି ସମାଜସେବା ଓ ଜାତୀୟ ପ୍ରଗତି ପାଇଁ ଉଲ୍ଲେଖନୀୟ ସେବା ନିମନ୍ତେ ୨ ଜଣ ଯୋଗ୍ୟ ଯୁବକ/ଯୁବତୀ ଓ ଗୋଟିଏ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନାମ ନିର୍ଦ୍ଧାରିତ ଫର୍ମରେ ପୂରଣ କରି କମିଟିର ଅଧ୍ୟକ୍ଷଙ୍କ ଦସ୍ତଖତରେ ଏହି ପରିଷଦଙ୍କ ନିକଟକୁ ପଠାଇବେ ଓ ତାହା ଏହି ପରିଷଦରେ ତା ୧୦.୦୨.୧୧ ରିଖ ସୁଦ୍ଧା ପ୍ରାପ୍ତ ହେବା ଆବଶ୍ୟକ । ସାହିତ୍ୟିକ କୃତି, ଚିତ୍ରକଳା ଓ ରେଖା ଚିତ୍ର ଆଦି ସୃଜନାତ୍ମକ କ୍ଷେତ୍ରରେ ରାଜ୍ୟ ଯୁବ ପୁରସ୍କାର ପାଇଁ ପ୍ରାର୍ଥୀଙ୍କ ନାମ ମନୋନୟନ ସମୟରେ ଉପରୋକ୍ତ କ୍ଷେତ୍ରରେ ବିଶାରଦ ମାନଙ୍କୁ ନେଇ ଗଠିତ ମନୋନୟନ କମିଟି ମାଧ୍ୟମରେ ସମ୍ପୃକ୍ତ ପ୍ରାର୍ଥୀଙ୍କର ସେହି କ୍ଷେତ୍ରକୁ ଅବଦାନ ଓ କୃତିତ୍ୱକୁ ବିଚାରକୁ ନିଆଯିବ ।

ବିଭିନ୍ନ ଜିଲ୍ଲା ପ୍ରଶାସନ ମାନଙ୍କଠାରୁ ପ୍ରାପ୍ତ ସୁପାରିଶ ଗୁଡ଼ିକୁ ଯାଞ୍ଚ ଓ ଚୂଡ଼ାନ୍ତ ମନୋନୟନ ପାଇଁ ଗଠିତ ରାଜ୍ୟ ମନୋନୟନ କମିଟିଙ୍କ ନିକଟରେ ଉପସ୍ଥାପିତ ହେବ ଓ ପ୍ରତ୍ୟେକ ପୁରସ୍କାର ପାଇଁ ପ୍ରାର୍ଥୀ ମନୋନୟନ କରାଯିବ ।

ଉପରୋକ୍ତ ସମସ୍ତ ପୁରସ୍କାର ନିମନ୍ତେ ପ୍ରାର୍ଥୀ / ଅନୁଷ୍ଠାନଙ୍କ ନାମ ମନୋନୟନ ସମୟରେ ଏହି ଉଦ୍ଦେଶ୍ୟରେ ପ୍ରଣୀତ ଆଇନକୁ କଡ଼ାକଡ଼ି ପାଳନ କରାଯିବା ବାଞ୍ଛନୀୟ ଯଦ୍ଦ୍ୱାରକି ଭବିଷ୍ୟତରେ କୌଣସି ଆଇନ ଗତ ଅସୁବିଧା ଉପୁଜିବ ନାହିଁ ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଛି ଯେ ଆପଣଙ୍କ ଜିଲ୍ଲାର ସମସ୍ତ ଛାତ୍ର/ଅଣଛାତ୍ର/ଯୁବଗୋଷ୍ଠି/ଯୁବସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମଧ୍ୟରେ ଏହି ପୁରସ୍କାରମାନଙ୍କ ସମ୍ବନ୍ଧିତ ବିସ୍ତୃତ ସୂଚନା ପ୍ରଚାର ଓ ପ୍ରସାର ପାଇଁ ଦୟାକରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଯୋଗ୍ୟ ପ୍ରାର୍ଥୀ ଅନୁଷ୍ଠାନଙ୍କ ନାମ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ପରିଷଦକୁ ପ୍ରେରିତ ହେଉ ।

ଆପଣଙ୍କ ବିଶ୍ୱସ୍ତ

(ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା 07(25) ତା 04-1-2014

ଏହାର ଏକକିତା ନକଲ ଓଡ଼ିଶାର ବିଶ୍ୱବିଦ୍ୟାଳୟର କୂଳ ସଚିବ / ନିର୍ଦ୍ଦେଶକ ଉଚ୍ଚଶିକ୍ଷା ଓଡ଼ିଶା/ ଆଞ୍ଚଳିକ ନିର୍ଦ୍ଦେଶକ, ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଭୁବନେଶ୍ୱର / ସହକାରୀ କାର୍ଯ୍ୟକ୍ରମ ଉପଦେଷ୍ଟା ଜାତୀୟ ସେବା ଯୋଜନା ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର/ ସମସ୍ତ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା 08(30) ତା 04-1-2014

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାକ୍ରୀଡ଼ା ଅଧିକାରୀଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା । ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଏହି କାର୍ଯ୍ୟାଳୟକୁ ସୁପାରିଶ ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା ---09(36)---- ତା ---04-1-2014---

ଏହାର ଏକକିତା ନକଲ ରାଜ୍ୟ ଯୁବକଲ୍ୟାଣ ସାଧାରଣ ପରିଷଦର ସମସ୍ତ ସଭ୍ୟଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା ---10(3)---- ତା ---04-1-2014---

ଏହାର ଏକକିତା ନକଲ ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ/ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ/ଓଡ଼ିଶା ଲଳିତକଳା ଏକାଡ଼େମୀଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଦିମନ୍ତେ ପ୍ରେରିତ ହେଲା ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା ---11----- ତା ---04-1-2014---

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କର ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କ ନିକଟକୁ କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ ପ୍ରେରିତ ହେଲା ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

ଜ୍ଞାପକ ସଂଖ୍ୟା ---12------ ତା ---04-1-2014---

ଏହାର ଏକକିତା ନକଲ ଅନୁଶାସନ ସଚିବ, କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସହ ସମ୍ପାଦକ)

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା